*1952*
*ଅକ୍ଟୋବର 29*

**ପୟାଭୁଲା ଭେଙ୍ଗାନ୍ନା**

**ବନାମ**

**ପୟାଭୁଲା କେସନ୍ନା ଏବଂ ଅନ୍ୟମାନେ**

**[ମୁଖାର୍ଜୀୟା, ଚନ୍ଦ୍ରଶେଖର ଆୟର୍ ଏବଂ ଭଗବତୀ ନ୍ୟାୟମୂର୍ତ୍ତିବୃନ୍ଦ]**

*ମଧ୍ୟସ୍ଥତା - ମଧ୍ୟସ୍ଥି ଅନ୍ୟ ପକ୍ଷର ଅନୁପସ୍ଥିତିରେ ଗୋଟିଏ ପକ୍ଷରୁ ବିବୃତି ନେବା - ଆଇନଗତ ମନ୍ଦ ଆଚରଣ - ଅଧିନିର୍ଣ୍ଣୟର ବୈଧତା – ପକ୍ଷପାତତାର ପ୍ରଶ୍ନ।*

ଯେଉଁଠାରେ, ଭାରତୀୟ ମଧ୍ୟସ୍ଥତାର ଅଧିନିୟମର ଧାରା 21 ଅନୁଯାୟୀ ଏକ ମଧ୍ୟସ୍ଥତାରେ, ମଧ୍ୟସ୍ଥି ପରସ୍ପରର ଅନୁପସ୍ଥିତିରେ ପ୍ରତ୍ୟେକ ପକ୍ଷଙ୍କ ଠାରୁ ବିବୃତ୍ତି ନେଇଥିଲେ ଏବଂ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ: ଏହା ବିଚାର କରାଯାଇଥିଲା ଯେ, ନ୍ୟାୟାଳୟ ଦ୍ୱାରା ହେଉ କିମ୍ବା ଓକିଲ କିମ୍ବା ବ୍ୟବସାୟୀମାନଙ୍କ ଦ୍ୱାରା ମଧ୍ୟସ୍ଥତା ଦ୍ୱାରା ହେଉ, ନ୍ୟାୟ ପ୍ରଶାସନର ଏହା ଏକ ପ୍ରାଥମିକ ନୀତି ଯେ କୌଣସି ପକ୍ଷ ବିଚାରପତି କିମ୍ବା ମଧ୍ୟସ୍ଥିଙ୍କ ମନକୁ ପ୍ରଭାବିତ କରିବା ପାଇଁ କୌଣସି ମାଧ୍ୟମ ବ୍ୟବହାର କରିବା ଉଚିତ ନୁହେଁ, ଯେଉଁ ମାଧ୍ୟମଗୁଡ଼ିକ ଅନ୍ୟ ପକ୍ଷ ପାଇଁ ଅଜଣା ଏବଂ ଅନ୍ୟ ପକ୍ଷ ଏହାକୁ ଗ୍ରହଣ କରିପାରିବ ନାହିଁ ଏବଂ ପ୍ରତିରୋଧ କରିପାରିବ ନାହିଁ; ସେହି ଅନୁଯାୟୀ ଆଇନଗତ ମନ୍ଦ ଆଚରଣ ପାଇଁ ମଧ୍ୟସ୍ଥି ଦୋଷୀ ଥିଲେ; ଏବଂ ଏହି ମନ୍ଦ ଆଚରଣ କାହା ପ୍ରତି ପକ୍ଷପାତ ପ୍ରଭାବ ପକେଇଛି କି ନାହିଁ ତାହାର ନିର୍ବିଶେଷରେ, ଅଧିନିର୍ଣ୍ଣୟଟିକୁ ତ୍ରୁଟିଯୁକ୍ତ କରିବା ପାଇଁ ଯଥେଷ୍ଟ ଥିଲା।

*ହାର୍ଭି ବନାମ ଶେଲଟନ୍* (1844) 7 ବିଭ୍. 455, *ଗଣେଶ ନାରାୟଣ ସିଂହ ବନାମ ମାଲିଦା କୋଏର* (1911) 13 Cal. L.J. 399, ଏବଂ *ହେ ବନାମ ହେ* (1861) 31 L.J. Ch. 420, ମାମଲାଗୁଡ଼ିକୁ ଉଲ୍ଲେଖ କରାଯାଇଛି।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 37/1952।

ମୂଳ ପିଟିସନ୍ ସଂଖ୍ୟା 15/1945 ରେ ଅନନ୍ତପୁରର ଜିଲ୍ଲା ନ୍ୟାୟାଧୀଶଙ୍କ 1 ଅକ୍ଟୋବର 1945 ର ରାୟ ଏବଂ ଡିକ୍ରିରୁ ହୋଇଥିବା ଏ. ଏ. ଓ. ସଂଖ୍ୟା 688/1945 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟ(ମେନନ୍ ଏବଂ ମ୍ୟାକ୍ ନ୍ୟାୟମୂର୍ତ୍ତିଦ୍ୱୟ)ଙ୍କ 24 ସେପ୍ଟେମ୍ବର 1948 ର ରାୟ ଏବଂ ଡିକ୍ରିରୁ ଆବେଦନ।

*1952*

*ପୟାଭୁଲା ଭେଙ୍କାମ୍ମା ବନାମ ପୟାଭୁଲା କେସନ୍ନା ଏବଂ ଅନ୍ୟମାନେ*

*ନ୍ୟାୟମୂର୍ତ୍ତି ଭାଗବତୀ*

ଆବେଦନକାରୀଙ୍କ ତରଫରୁ *ଡି. ମୁନିକାନିହା* (ତାଙ୍କ ସହିତ *କେ. ବି. ଦାଦାଚାଞ୍ଜି*)।

ଉତ୍ତରଦାତାମାନଙ୍କ ତରଫରୁ *ଏସ୍. ପି. ସିହ୍ନା* (ତାଙ୍କ ସହିତ *ଏମ୍. ଓ. ଚିନ୍ନାପ୍ପା ରେଡ୍ଡୀ* ଏବଂ *କେ. ଆର୍. ଚୌଧୁରୀ*)।

1952. ଅକ୍ଟୋବର 29. ନ୍ୟାୟାଳୟଙ୍କ ରାୟ ନ୍ୟାୟମୂର୍ତ୍ତି ଭାଗବତୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା -

ଅନ୍ୟାନ୍ୟ ବିଷୟ ମଧ୍ୟରେ ମଧ୍ୟସ୍ଥିଙ୍କ ଆଇନଗତ ମନ୍ଦ ଆଚରଣ ଆଧାରରେ ଅଧିନିର୍ଣ୍ଣୟକୁ ବାତିଲ କରିବା ପାଇଁ ବାଦୀ ଅନନ୍ତପୁରର ଜିଲ୍ଲା ନ୍ୟାୟାଧୀଶଙ୍କ ନ୍ୟାୟାଳୟରେ ମୂଳ ପିଟିସନ୍ ସଂଖ୍ୟା 15/1945 ଦାୟର କରିଥିଲେ। ବିଚାର କରୁଥିବା ନ୍ୟାୟାଳୟ ଏହି ଅଧିନିର୍ଣ୍ଣୟକୁ ବାତିଲ କରିଦେଇଥିଲେ। ଆବେଦନ ପରେ ଉଚ୍ଚ ନ୍ୟାୟାଳୟ ବିଚାର କରୁଥିବା ନ୍ୟାୟାଳୟଙ୍କ ରାୟକୁ ଓଲଟାଇ ଦେଇଥିଲେ ଏବଂ ବାଦୀଙ୍କ ମକଦ୍ଦମାକୁ ଖାରଜ କରିଦେଇଥିଲେ। ସେହି ନିର୍ଣ୍ଣୟ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟଙ୍କ ପ୍ରମାଣ ପତ୍ର ସହିତ ବାଦୀଙ୍କ ଦ୍ୱାରା ଏହି ଆବେଦନ ଦାୟର କରାଯାଇଛି।

ଜଣେ ପି. ନାରାୟଣପ୍ପା 1927 ମସିହାରେ ମୃତ୍ୟୁବରଣ କରିଥିଲେ, ଯାହାଫଳରେ ତାଙ୍କ ପତ୍ନୀ, ଯଏକି ବାଦୀ ଅଟନ୍ତି, ତାଙ୍କର ଅବିଭକ୍ତ ଭାଇ, ଯଏକି ପ୍ରତିବାଦୀ ସଂଖ୍ୟା 1 ଅଟନ୍ତି, ତାଙ୍କର ଅନ୍ୟ ଜଣେ ପୂର୍ବ-ମୃତ ଭାଇଙ୍କ ପୁଅ, ଯଏକି ପ୍ରତିବାଦୀ ସଂଖ୍ୟା 2 ଅଟନ୍ତି, ଏବଂ ତାଙ୍କର ଆଉ ଜଣେ ପୂର୍ବ-ମୃତ ପତ୍ନୀଙ୍କ ପୁଅ, ଯଏକି ପ୍ରତିବାଦୀ ସଂଖ୍ୟା 3 ଅଟନ୍ତି - ଏହି ମାନେ ବଞ୍ଚିଥିଲେ। ମୃତ ବ୍ୟକ୍ତି ଜଣକ 1927 ମସିହା ମେ 1 ତାରିଖରେ ଏକ ଇଚ୍ଛାପତ୍ର କରିଥିବାର ଧାରଣା କରାଯାଇଥିଲା, ଯେଉଁଥିରେ ସେ ତାଙ୍କ ପତ୍ନୀଙ୍କ ଭରଣପୋଷଣ ଏବଂ ବାସସ୍ଥାନ ପାଇଁ କିଛି ବ୍ୟବସ୍ଥା କରିଥିଲେ। ବାଦୀ କିଛି ସମୟ ପାଇଁ ପରିବାର ସହିତ ରହିଥିଲେ କିନ୍ତୁ ପ୍ରତିବାଦୀ ସଂଖ୍ୟା 1 ଙ୍କ ବରିଷ୍ଠ ପତ୍ନୀ ଏବଂ ତାଙ୍କ ମଧ୍ୟରେ ବିବାଦ ହେତୁ ତାଙ୍କୁ ପାରିବାରିକ ଘର ଛାଡ଼ିବାକୁ ପଡ଼ିଥିଲା। ସେ ଏଗାର ବର୍ଷ ଧରି ତାଙ୍କ ମାଆଙ୍କ ସହ ରହୁଥିଲେ ଏବଂ ଶେଷରେ ଭରଣପୋଷଣ, ଭରଣପୋଷଣର ବକେୟା, ଆବାସ ଏବଂ ଘରୋଇ ବାସନକୁସନ ତଥା କିଛି ଅଳଙ୍କାର ଏବଂ ପୋଷାକକୁ ସ୍ତ୍ରୀଧନ ସମ୍ପତ୍ତି ଭାବେ ଅସୁଲ କରିବା ପାଇଁ ଅନନ୍ତପୁରର ଜିଲ୍ଲା ନ୍ୟାୟାଧୀଶଙ୍କ ନ୍ୟାୟାଳୟରେ ନିଃସ୍ୱ ସ୍ୱରୂପେ ଓ. ଏସ୍. ସଂଖ୍ୟା 19/1943 ଦାୟର କରିଥିଲେ। ପ୍ରତିବାଦୀମାନେ ବାଦୀଙ୍କ ଦାବୀକୁ ପ୍ରତିବାଦ କରି ଯୁକ୍ତି ଦର୍ଶାଇଥିଲେ ଯେ 1 ମେ, 1927 ତାରିଖର ଇଚ୍ଛାପତ୍ର ଅନୁଯାୟୀ ତାଙ୍କ ଭରଣପୋଷଣ ଏବଂ

ବାସସ୍ଥାନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଥିଲା ଏବଂ ସେ ସେହି ଅନୁଯାୟୀ ସମ୍ପତ୍ତିର ଦଖଲରେ ଥିଲେ ଏବଂ ତାହାକୁ ଉପଭୋଗ କରୁଥିଲେ ଏବଂ ତାଙ୍କ ଦାବି ଅନୁରକ୍ଷଣୀୟ ନଥିଲା । ପ୍ରତିବାଦୀମାନେ ମଧ୍ୟ ଅଳଙ୍କାର ଏବଂ ପୋଷାକ ପାଇଁ ହୋଇଥିବା ତାଙ୍କର ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ଏହି ମକଦ୍ଦମାର ଶୁଣାଣି ଏବଂ ଚୂଡ଼ାନ୍ତ ସମାଧାନ ପାଇଁ ଏହା ଅନନ୍ତପୁରର ଅଧସ୍ଥନ ବିଚାରପତିଙ୍କ ସମ୍ମୁଖକୁ ଆସିଥିଲା । 27 ଫେବୃଆରୀ, 1945 ରେ ଯେତେବେଳେ ବାଦୀଙ୍କୁ ଅଭିଯୋଜନ ସାକ୍ଷୀ ସଂଖ୍ୟା 1 ଭାବରେ ଜେରା କରାଯାଇଥିଲା, ସେବେ ସମସ୍ତ ପକ୍ଷ ମଧ୍ୟସ୍ଥତା ଅଧିନିୟମର ଧାରା 21 ଅନୁଯାୟୀ ଏକ ପିଟିସନ୍ ଦାୟର କରିଥିଲେ, ଯେଉଁଥିରେ ମକଦ୍ଦମାରେ ଥିବା ବିବାଦର ସମାଧାନ ପାଇଁ ଶ୍ରୀ କୋନାକୋଣ୍ଡଲା ରାୟଲ୍ଲା ଗୋବିନ୍ଦପ୍ପା ଗାରୁଙ୍କୁ 'ଏକମାତ୍ର ମଧ୍ୟସ୍ଥି' ଭାବରେ ନିଯୁକ୍ତ କରିବାକୁ ଏବଂ ତାଙ୍କ ନିର୍ଣ୍ଣୟକୁ ମାନିବାକୁ ସେମାନେ ରାଜି ହୋଇଥିଲେ, ଏବଂ ଉକ୍ତ ମଧ୍ୟସ୍ଥିଙ୍କ ନିକଟକୁ ବାଦପତ୍ର, ଲିଖିତ ବିବୃତି ଏବଂ ଅନ୍ୟାନ୍ୟ ରେକର୍ଡ଼ ସବୁ ପଠାଇବାକୁ ନ୍ୟାୟାଳୟଙ୍କୁ ଅନୁରୋଧ କରିଥିଲେ । ତଦନୁସାରେ ନ୍ୟାୟାଳୟଙ୍କ ଦ୍ୱାରା ମଧ୍ୟସ୍ଥତାକୁ ଏକ ବିଚାରାର୍ଥେ ପ୍ରେରଣ କରାଯାଇଥିଲା । ମଧ୍ୟସ୍ଥି ସେହି ବିଚାରାର୍ଥେ ପ୍ରେରଣକୁ ଗ୍ରହଣ କରିଥିଲେ ଏବଂ 6 ମାର୍ଚ୍ଚ, 1945 ରେ ବାଦୀଙ୍କୁ ଯାଞ୍ଚ କରିଥିଲେ ଏବଂ ତାଙ୍କଠାରୁ ଏକ ବିବୃତି ପାଇଥିଲେ ଯାହାକି ନଥିରେ ପ୍ରଦର୍ଶନୀ ସଂଖ୍ୟା 4 ଅଟେ । ସେ ସେହିପରି 10 ମାର୍ଚ୍ଚ, 1945 ରେ ପ୍ରତିବାଦୀ ସଂଖ୍ୟା 1 ଙ୍କୁ ଯାଞ୍ଚ କରିଥିଲେ ଏବଂ ତାଙ୍କ ଠାରୁ ଏକ ବିବୃତି ପାଇଥିଲେ ଯାହାକି ନଥିରେ ପ୍ରଦର୍ଶନୀ ସଂଖ୍ୟା 5 ଅଟେ । ଉକ୍ତ ଦୁଇଟି ବିବୃତ୍ତି ପାଇବା ପରେ, ମଧ୍ୟସ୍ଥି 1945 ମସିହା ମାର୍ଚ୍ଚ 12 ତାରିଖରେ ତାଙ୍କର ଅଧିନିର୍ଣ୍ଣୟ ପ୍ରଦାନ ଏବଂ ପ୍ରକାଶ କରିଥିଲେ । ଏହା ହେଉଛି ସେହି ଅଧିନିର୍ଣ୍ଣୟ ଯାହାକୁ ବାଦୀ ଆପତ୍ତି କରିଥିଲେ ।

ମଧ୍ୟସ୍ଥିଙ୍କ ବିରୋଧରେ ଯେଉଁ ଆଇନଗତ ମନ୍ଦ ଆଚରଣ ଅଭିଯୋଗ କରାଯାଇଥିଲା ତାହା ଥିଲା ଯେ ସେ ଅନ୍ୟ ପକ୍ଷର ଅନୁପସ୍ଥିତିରେ ପ୍ରତ୍ୟେକ ପକ୍ଷଙ୍କୁ ଯାଞ୍ଚ କରିଥିଲେ । ବାଦୀଙ୍କ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ ଯଦିଓ ବିଚାରାର୍ଥେ ପ୍ରେରଣ ପାଇଁ କରାଯାଇଥିବା ମଧ୍ୟସ୍ଥତା ପିଟିସନ୍ ଏବଂ ବିବୃତ୍ତି, ପ୍ରଦର୍ଶନୀ ସଂଖ୍ୟା 4 ଏବଂ 5, ମଧ୍ୟସ୍ଥିଙ୍କୁ ବାଦପତ୍ର ଏବଂ ଲିଖିତ ବିବୃତ୍ତିକୁ ଅନୁଧ୍ୟାନ କରିବା ପରେ ଆଇନ ଅନୁଯାୟୀ ବିବାଦର ସମାଧାନ କରିବାକୁ ପ୍ରାଧିକୃତ କରିଥିଲା, ତେବେ ମଧ୍ୟସ୍ଥି ବାଦୀଙ୍କ ଅନୁପସ୍ଥିତିରେ ପ୍ରତିବାଦୀ ସଂଖ୍ୟା 1 ଙ୍କୁ ଯାଞ୍ଚ କରିଥିଲେ ଏବଂ ବାଦୀଙ୍କୁ ଏହି ପ୍ରସଙ୍ଗରେ ତାଙ୍କ ପକ୍ଷ ରଖିବା ପାଇଁ ସୁଯୋଗ ନଦେଇ 1 ମେ, 1927 ର ବୁଝାମଣା ବୋଲି

1952
ପୟାଭୁଲା
ଭେଙ୍କାମ୍ମା
ବନାମ
ପୟାଭୁଲା
କେସନ୍ନା ଏବଂ
ଅନ୍ୟମାନେ
ନ୍ୟାୟମୂର୍ତ୍ତି
ଭାଗବତୀ

କୁହାଯାଉଥିବା ବିଷୟକୁ ମଧ୍ଯ ଅନୁଧ୍ୟାନ କରିଥିଲେ, ଏବଂ ସେ ଏହିପରି ଭାବେ ଆଇନଗତ ମନ୍ଦ ଆଚରଣ ପାଇଁ ଦୋଷୀ ଥିଲେ । ଅନ୍ୟପକ୍ଷରେ ପ୍ରତିବାଦୀମାନଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଥିଲା ଯେ ମଧ୍ୟସ୍ଥିଙ୍କ ଦ୍ୱାରା ଯାହା କରାଯାଇଥିଲା ତାହା କେବଳ ପିଟିସନରେ ଥିବା ପକ୍ଷମାନଙ୍କ ଅନୁରୋଧର ଏକ ପୁନରାବୃତ୍ତି ପାଇବା ପାଇଁ ଥିଲା ଯାହା ଏହା ଥିଲା ଯେ ସେ(ମଧ୍ୟସ୍ଥି) ତଥ୍ୟକଥନ ଆଧାରରେ ତାଙ୍କର ଅଧିନିର୍ଣ୍ଣୟ ଦେବା ଉଚିତ୍ ଏବଂ ମଧ୍ୟସ୍ଥିଙ୍କ ଦ୍ୱାରା ପ୍ରତିବାଦୀ ସଂଖ୍ୟା 1 ଙ୍କ ଠାରୁ ଗୋଟିଏ ବି ତଥ୍ୟ ନଥିଭୁକ୍ତ କରାଯାଇନଥିଲା ଯାହା ତାଙ୍କ ଲିଖିତ ବିବୃତିରେ ସ୍ଥାନ ପାଇନଥିଲା ଏବଂ ସେଥିପାଇଁ ମଧ୍ୟସ୍ଥି ଆଇନଗତ ମନ୍ଦ ଆଚରଣ ପାଇଁ ଦୋଷୀ ନଥିଲେ ।

ପକ୍ଷମାନଙ୍କ ଦ୍ୱାରା 27 ଫେବୃଆରୀ, 1945 ରେ ଦାୟର କରାଯାଇଥିବା ପିଟିସନ୍ ମଧ୍ୟସ୍ଥିଙ୍କୁ କୌଣସି ବିଶେଷ କ୍ଷମତା ଦେଇନଥିଲା । ମକଦ୍ଦମାରେ ଥିବା ବିବାଦଗୁଡ଼ିକର ସମାଧାନ କରିବା ପାଇଁ ମଧ୍ୟସ୍ଥିଙ୍କୁ ନିଯୁକ୍ତ କରାଯାଇଥିଲା ଏବଂ ପକ୍ଷମାନେ ତାଙ୍କ ନିର୍ଣ୍ଣୟକୁ ଗ୍ରହଣ କରିବାକୁ ରାଜି ହୋଇଥିଲେ । ମଧ୍ୟସ୍ଥିଙ୍କ ନିର୍ଣ୍ଣୟ ନିମନ୍ତେ ବାଦପତ୍ର, ଲିଖିତ ବିବୃତି ଏବଂ ଅନ୍ୟାନ୍ୟ ନଥିଗୁଡ଼ିକୁ ତାଙ୍କୁ ପଠାଇବାକୁ ରାଜି ହେଇଥିଲା, ଏବଂ ଯଦି ଆଦେଶ ସହିତ ନ୍ୟାୟାଳୟଙ୍କ ଦ୍ୱାରା ତାଙ୍କୁ ଦିଆଯାଇଥିବା ବାଦପତ୍ର ଏବଂ ଲିଖିତ ବିବୃତିଗୁଡ଼ିକୁ ଅନୁଧ୍ୟାନ କରିବା ପରେ ତାଙ୍କ ଅଧିନିର୍ଣ୍ଣୟ ଦେବାକୁ ମଧ୍ୟସ୍ଥିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା, ତେବେ ମଧ୍ୟସ୍ଥି କାହିଁକି ବାଦୀ ଏବଂ ପ୍ରତିବାଦୀଙ୍କ ନିକଟକୁ ଯାଇଥିଲେ ଏବଂ ସେମାନଙ୍କର ବିବୃତିଗୁଡ଼ିକୁ ନଥିଭୁକ୍ତ କରିଥିଲେ ତାହା ଆମ୍ଭେ ବୁଝି ପାରୁନାହୁଁ । ମଧ୍ୟସ୍ଥି ବାଦପତ୍ର ଏବଂ ଲିଖିତ ବିବୃତିକୁ ଅନୁଧ୍ୟାନ କରିବା ଉଚିତ ଏବଂ ଆଇନ ଏବଂ ନ୍ୟାୟ ଅନୁଯାୟୀ ତାଙ୍କ ନିର୍ଣ୍ଣୟ ଦେବା ଉଚିତ - ବାଦୀଙ୍କ ଦ୍ୱାରା ମଧ୍ୟସ୍ଥିଙ୍କୁ ଦିଆଯାଇଥିବା ବିବୃତିରେ ଏହି ଅନୁରୋଧ ବ୍ୟତୀତ ଅନ୍ୟ କିଛି ଉଲ୍ଲେଖ କରାଯାଇନଥିଲା । ତେବେ ପ୍ରତିବାଦୀ ସଂଖ୍ୟା 1 ଙ୍କ ଠାରୁ ମିଳିଥିବା ବିବୃତି କେବଳ ଏହି ଅନୁରୋଧର ପୁନରାବୃତ୍ତି କରିନଥିଲା, ବରଂ ଏଥିରେ ଅନେକ ତଥ୍ୟଗତ ବିବୃତି ରହିଥିଲା, ଯାହା ତାଙ୍କ ଲିଖିତ ବିବୃତିରେ ସ୍ଥାନ ପାଇ ନଥିଲା । ଏହି ବିବୃତିଗୁଡ଼ିକ ନିମ୍ନମତେ ଥିଲା: -

(1) "ତାଙ୍କ ସ୍ୱାମୀ ତାଙ୍କୁ ଯାହା ଦେଇଥିଲେ ସେଥିରେ ସେ ଖୁସି ଅନୁଭବ କରିଥିଲେ" ।

(2) "ସରକାରୀ ବିବରଣୀରୁ ଜଣାପଡ଼େ ଯେ ତାଙ୍କ ସ୍ୱାମୀଙ୍କ ଦ୍ୱାରା କରାଯାଇଥିବା ବୁଝାମଣା ଅନୁଯାୟୀ, ତାଙ୍କୁ ଦିଆଯାଇଥିବା ଜମି ତାଙ୍କ ଦଖଲ ସ୍ୱତ୍ୱରେ ରହିଆସିଛି" ।

(3) "ଯେପରି ବାଦୀଙ୍କ ପାଖରେ ନିଜର ଅଳଙ୍କାର ରହିଛି, ସେହିପରି ଘରର ଅନ୍ୟ ମହିଳାମାନଙ୍କ ପାଖରେ ନିଜ ନିଜ ଅଳଙ୍କାର ରହିଛି । ଅବିଭକ୍ତ ପରିବାରର ସେଥିରେ କୌଣସି ଅଧିକାର ନାହିଁ"।

ଏବଂ (4) "ଘରୋଇ ପରିସ୍ଥିତିକୁ ବିଚାରକୁ ନେଇ, ଆମର ବଡ଼ ଭାଇ ଯେପରି ତାଙ୍କ ଦ୍ୱିତୀୟ ପତ୍ନୀଙ୍କ ପାଇଁ ଭରଣପୋଷଣ ପ୍ରଦାନ କରିଥିଲେ, ସେହିପରି ଭରଣପୋଷଣ ତାଙ୍କ ତୃତୀୟ ପତ୍ନୀ, ବାଦୀଙ୍କ, ପାଇଁ ମଧ୍ୟ ପ୍ରଦାନ କରିଥିଲେ"।

ପ୍ରତିବାଦୀ ସଂଖ୍ୟା 1 ଙ୍କ ଲିଖିତ ବିବୃତିରେ ଥିବା ସତ୍ୟକଥନ ସହିତ ତାଙ୍କ ଦ୍ୱାରା ଦିଆଯାଇଥିବା ଏହି ବିବୃତିଗୁଡ଼ିକ ପ୍ରମାଣ ରୂପେ ସଂଗଠିତ ହୋଇଥିଲା ଏବଂ ପ୍ରତିବାଦୀ ସଂଖ୍ୟା 1 ଙ୍କ ପକ୍ଷରେ ଏହା ଯୁକ୍ତି କରିବା ନିରର୍ଥକ ଅଟେ ଯେ ମଧ୍ୟସ୍ଥି ତାଙ୍କ ଠାରୁ ବିବୃତି, ପ୍ରଦର୍ଶନୀ ସଂଖ୍ୟା 5, ପ୍ରାପ୍ତ କରିବା ବେଳେ ତାଙ୍କ ଲିଖିତ ବିବୃତିରେ ପୂର୍ବରୁ ଯାହା ମିଳିଥିଲା ତାହାର କେବଳ ଏକ ବର୍ଣ୍ଣନା ତାଙ୍କ ଠାରୁ ପାଇଥିଲେ ।

ଏହି ସ୍ଥିତି ଦୃଢୀଭୂତ ହୁଏ ଯେତେବେଳେ ଜଣେ ଏହି ଅଧିନିର୍ଣ୍ଣୟକୁ ଅନୁସରଣ କରେ । ମଧ୍ୟସ୍ଥି ଦର୍ଶାଇଥିଲେ ଯେ ବାଦୀ ଏବଂ ପ୍ରତିବାଦୀମାନଙ୍କ ଲିଖିତ ବିବୃତ୍ତିଗୁଡ଼ିକୁ ଅନୁଧ୍ୟାନ କରିବା ପରେ ତାଙ୍କ ଅଧିନିର୍ଣ୍ଣୟ ପ୍ରଦାନ କରିବାକୁ ନ୍ୟାୟାଳୟ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହା ତାଙ୍କୁ ଆଦେଶ ସହିତ ବାଦପତ୍ର ଏବଂ ଲିଖିତ ବିବୃତ୍ତିଗୁଡ଼ିକୁ ଦେଇଥିଲେ । ତେବେ ସେ କହିଥିଲେ ଯେ ସେହି ଆଦେଶ ଅନୁସରଣରେ ସେ ବାଦୀ ତଥା ପ୍ରତିବାଦୀ ସଂଖ୍ୟା 1 ଙ୍କ ଠାରୁ ବିବୃତ୍ତି ନେଇଥିଲେ, ଯିଏକି ପ୍ରତିବାଦୀଙ୍କ ପରିବାରର ପରିଚାଳକ ଥିଲେ । ସେ ଆହୁରି କହିଥିଲେ ଯେ ସେ ବାଦୀଙ୍କ ସପକ୍ଷରେ 1 ମେ, 1927 ରେ କରାଯାଇଥିବା ସେହି ବୁଝାମଣାଟିକୁ, ଯାହାକୁ ପ୍ରତିବାଦୀ ସଂଖ୍ୟା 1 ଅଭିଯୋଗ କରିଥିଲେ, ଅନୁଧ୍ୟାନ କରିଥିଲେ, ଏବଂ ମୃତକ, ବାଦୀଙ୍କୁ ପୂର୍ବରୁ 40 ଏକର ଜମି ପ୍ରଦାନ କରିଥିବା ବ୍ୟତୀତ ମଧ୍ୟସ୍ଥି ତାଙ୍କୁ ସର୍ବେକ୍ଷଣ ସଂଖ୍ୟା 507 ମାଧ୍ୟମରେ 8 ଏକର 17 ଶତାଂଶ ଜମି ପ୍ରଦାନ କରିଥିଲେ । ଏହି ଅଧିନିର୍ଣ୍ଣୟର ସର୍ତ୍ତାବଳୀରୁ ଏହା ସ୍ପଷ୍ଟ ହୋଇଛି ଯେ ମଧ୍ୟସ୍ଥି କେବଳ ବାଦପତ୍ର ଏବଂ ପକ୍ଷମାନଙ୍କ ଲିଖିତ ବିବୃତିଗୁଡ଼ିକୁ ଧ୍ୟାନରେ ରଖିନଥିଲେ, ବରଂ ସେ ପ୍ରତିବାଦୀ ସଂଖ୍ୟା 1 ଙ୍କ ଠାରୁ ପାଇଥିବା ବିବୃତି ଏବଂ 1 ମେ, 1927 ର ଇଚ୍ଛାପତ୍ରକୁ ମଧ୍ୟ ବିଚାରକୁ ନେଇଥିଲେ ।

*1952*
*ପୟାଭୁଲା ଭେଙ୍କାଣ୍ଣା ବନାମ ପୟାଭୁଲା କେସନ୍ନା ଏବଂ ଅନ୍ୟମାନେ*
*ନ୍ୟାୟମୂର୍ତ୍ତି ଭାଗବତୀ*

ତେଣୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ବାଦୀଙ୍କ ଅନୁପସ୍ଥିତିରେ ମଧ୍ୟସ୍ଥି ପ୍ରତିବାଦୀ ସଂଖ୍ୟା 1 ଙ୍କ ପକ୍ଷ ଶୁଣିଥିଲେ । ଏହି ଶୁଣାଣିର କୌଣସି ସୂଚନା ମଧ୍ୟସ୍ଥିଙ୍କ ଦ୍ୱାରା ବାଦୀଙ୍କୁ ଦିଆଯାଇ ନଥିଲା କିମ୍ବା ତାଙ୍କ ଉପସ୍ଥିତିରେ ପ୍ରତିବାଦୀ ସଂଖ୍ୟା 1 ଙ୍କ ସାକ୍ଷ୍ୟ ନେବାର ସୁଯୋଗ ମଧ୍ୟ ତାଙ୍କୁ ମିଳିନଥିଲା, ଯାହାଦ୍ୱାରା ସେ ପ୍ରତିବାଦୀ ସଂଖ୍ୟା 1 ଙ୍କ ଜେରା କରିବାକୁ କହିପାରିଥାନ୍ତେ କିମ୍ବା ନିଜେ ତାଙ୍କୁ ଜେରା କରିପାରିଥାନ୍ତେ ଏବଂ ଯଦି ସେ ପାରିଥାନ୍ତେ ତେବେ ସେ ମଧ୍ୟ ସାକ୍ଷ୍ୟ ଖୋଜିବାରେ ସକ୍ଷମ ହୋଇପାରିଥାନ୍ତେ ଯାହା ପ୍ରତିବାଦୀ ସଂଖ୍ୟା 1 ଙ୍କ ଦ୍ୱାରା ଦିଆଯାଇଥିବା ସାକ୍ଷ୍ୟ ସହ ମେଳ ଖାଇପାରିଥାନ୍ତା ଏବଂ ତାହାର ଉତ୍ତର ଦେଇପାରିଥାନ୍ତା । ଯେପରି *ହାର୍ଭି ବନାମ ଶେଲଟନ୍* ([1]) ମାମଲାରେ ଲର୍ଡ଼ ଲାଙ୍ଗଡେଲ୍ ଏମ୍. ଆର୍. କହିଥିଲେ,

"ନ୍ୟାୟ ପ୍ରଶାସନରେ ଏହା ଏକ ଏତେ ସାଧାରଣ ନୀତି ଯେ କୌଣସି ଏକ କାରଣ ପାଇଁ କୌଣସି ପକ୍ଷକୁ ବିଚାରପତିଙ୍କ ମନକୁ ପ୍ରଭାବିତ କରିବା ପାଇଁ କୌଣସି ମାଧ୍ୟମ ବ୍ୟବହାର କରିବାକୁ ଅନୁମତି ଦିଆଯାଇପାରିବ ନାହିଁ, ଯେଉଁ ମାଧ୍ୟମଗୁଡ଼ିକ ଅନ୍ୟ ପକ୍ଷ ପାଇଁ ଅଜଣା ଏବଂ ଅନ୍ୟ ପକ୍ଷ ଏହାକୁ ଗ୍ରହଣ କରିପାରିବ ନାହିଁ ଏବଂ ପ୍ରତିରୋଧ କରିପାରିବ ନାହିଁ, ଯାହା ଅତି କମରେ କହିବାକୁ ଗଲେ, ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ଏହା ଅଣଦେଖା କରିବା ଅସମ୍ଭବ ଯେ, ଏହା ଏକ ଅତ୍ୟନ୍ତ ଅସାବଧାନ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଥିଲା । ଏପରି କରିବାକୁ ଅନୁମତି ଦେବା ପ୍ରତ୍ୟେକ ନୀତିର ବିପରୀତ ଅଟେ, ଏବଂ ବାଣିଜ୍ୟିକ ମଧ୍ୟସ୍ଥତା ଏବଂ ଆଇନଗତ ମଧ୍ୟସ୍ଥତା ମଧ୍ୟରେ ଥିବା ପାର୍ଥକ୍ୟକୁ ମୁଁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରୁଛି । ନ୍ୟାୟର ପ୍ରଥମ ନୀତି ସବୁ ମାମଲାରେ ସମାନ ଭାବେ ଲାଗୁ ହେବା ଆବଶ୍ୟକ । କିଛି ମାମଲା ବ୍ୟତୀତ, ଯେଉଁଠାରେ ବ୍ୟତିକ୍ରମ ଅନିବାର୍ଯ୍ୟ, ବାକି ସବୁ ମାମଲାରେ ଉଭୟ ପକ୍ଷର ଶୁଣାଣି ହେବା ଆବଶ୍ୟକ, ଏବଂ ପ୍ରତ୍ୟେକ ଶୁଣାଣି ପରସ୍ପରର ଉପସ୍ଥିତିରେ ହେବା ଆବଶ୍ୟକ । ପ୍ରତ୍ୟେକ ମାମଲାରେ ଯେଉଁଥିରେ ମକଦ୍ଦମା ହୋଇଥାଏ, ଆପଣ ଉଭୟ ପକ୍ଷର ପ୍ରତିବେଦନକୁ ଶୁଣିବା ଆବଶ୍ୟକ, ଏବଂ ନ୍ୟାୟ ପ୍ରଶାସନର ଯେକୌଣସି ରୂପରେ, ନିୟମିତ ଭାବରେ ଗଠିତ ଅଦାଲତରେ କିମ୍ବା ମଧ୍ୟସ୍ଥତାରେ, ଓକିଲ କିମ୍ବା ବ୍ୟବସାୟୀଙ୍କ ସମ୍ମୁଖରେ, ଆପଣ ଗୋଟିଏ ପକ୍ଷକୁ ବିଚାରପତିଙ୍କ ଆଚରଣ ଏବଂ ନିର୍ଣ୍ଣୟକୁ ପ୍ରଭାବିତ କରିବାର ମାଧ୍ୟମକୁ ବ୍ୟବହାର କରିବାକୁ ଅନୁମତି ଦେବା ଉଚିତ୍ ନୁହେଁ, ଯେଉଁ ମାଧ୍ୟମଟି ଅନ୍ୟ ପକ୍ଷକୁ ଅଜଣା ଥିବ" ।

---

[1] (1844) 7 ବିଭ୍. 455. ପୃଷ୍ଠା ସଂଖ୍ୟା 462.

*ହାର୍ଭି ବନାମ ଶେଲଟନ୍* (1) ମାମଲାଟି ଏହି ପ୍ରସଙ୍ଗରେ ଅଗ୍ରଣୀ ମାମଲା ଅଟେ ଏବଂ ଏହାକୁ କେବଳ ଇଂଲଣ୍ଡରେ ନୁହେଁ ବରଂ ଭାରତରେ ମଧ୍ୟ ଅନୁସରଣ କରାଯାଇଛି । (*ଗଣେଶ ନାରାୟଣ ସିଂହ ବନାମ ମାଲିଦା କୋଏର* (2) ମାମଲାଟିକୁ ଦେଖନ୍ତୁ) । 1927 ମସିହା ମେ 1 ତାରିଖର ବୁଝାମଣା ପ୍ରସଙ୍ଗରେ ମଧ୍ୟ ନିଜର ମତ ରଖିବା ପାଇଁ ତାଙ୍କୁ କୌଣସି ସୁଯୋଗ ମିଳିନଥିଲା । ମଧ୍ୟସ୍ଥିଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ସ୍ପଷ୍ଟତଃ ପ୍ରାକୃତିକ ନ୍ୟାୟର ନୀତିଗୁଡ଼ିକର ବିପରୀତ ଥିଲା ।

ତେବେ ଶ୍ରୀ ଏସ୍. ପି. ସିହ୍ନା ଆମ୍ଭ ସମ୍ମୁଖରେ ଅନୁରୋଧ କରିଥିଲେ ଯେ ମଧ୍ୟସ୍ଥି ପ୍ରତିବାଦୀ ସଂଖ୍ୟା 1 ଙ୍କ ଠାରୁ ବିବୃତି, ପ୍ରଦର୍ଶନୀ ସଂଖ୍ୟା 5, ପ୍ରାପ୍ତ କରିବା ଦ୍ୱାରା ବାଦୀଙ୍କ ଉପରେ କୌଣସି ପକ୍ଷପାତ ପ୍ରଭାବ ପଡ଼ି ନଥିଲା ଏବଂ ସେଥିପାଇଁ ମଧ୍ୟସ୍ଥି ଆଇନଗତ ମନ୍ଦ ଆଚରଣ ପାଇଁ ଦୋଷୀ ନଥିଲେ । ଏହି ଯୁକ୍ତିଟି ଅସଙ୍ଗତ ଅଟେ । ମଧ୍ୟସ୍ଥି ଜଣେ ଅତ୍ୟନ୍ତ ସମ୍ମାନଜନକ ବ୍ୟକ୍ତି ହୋଇପାରନ୍ତି; ତଥାପି, ତାଙ୍କର ଆଚରଣ ସାଧାରଣ ନୀତି ସହିତ ସୁସଙ୍ଗତ ହୋଇପାରିବ ନାହିଁ । "ଜଣେ ବିଚାରପତି ଏହା କହିବା ଉଚିତ ନୁହେଁ ଯେ ଅନୁପଯୁକ୍ତ ଭାବରେ ଗ୍ରହଣ କରାଯାଇଥିବା ସାକ୍ଷ୍ୟ ତାଙ୍କ ଚିନ୍ତାଧାରା ଉପରେ ପ୍ରଭାବ ପକାଇଥିଲା କି ନାହିଁ । ଅଧିନିର୍ଣ୍ଣୟଟି ସମ୍ପୂର୍ଣ୍ଣ ନ୍ୟାୟ କରିଥାଇପାରେ: କିନ୍ତୁ ସାଧାରଣ ନୀତି ଆଧାରରେ ଏହାକୁ ବଜାୟ ରଖାଯାଇପାରିବ ନାହିଁ" । *ୱାକର ବନାମ ଫ୍ରୋବିଶର* (3) ମାମଲାରେ ଲର୍ଡ୍ ଚାନସେଲର୍, ଲର୍ଡ୍ ଏଲଡନଙ୍କ ଅନୁଯାୟୀ ।

*ହେ ବନାମ ହେ* (4) ମାମଲାରେ ଲର୍ଡ୍ ନ୍ୟାୟମୂର୍ତ୍ତି ନାଇଟ୍ ବ୍ରୁସ୍ ମଧ୍ୟ ସମାନ କଥା କହିଛନ୍ତି:

"ଏହା ସତ୍ୟ ଯେ ସେ ତାଙ୍କ ଶପଥ ପତ୍ରରେ କହିଛନ୍ତି ଯେ ତାଙ୍କ ପକ୍ଷ ରଖିଲା ବେଳେ ସେହି ବ୍ୟାଖ୍ୟାଗୁଡ଼ିକ ତାଙ୍କୁ ପ୍ରଭାବିତ କରିନଥିଲା, ଏବଂ ମୋର କୌଣସି ସନ୍ଦେହ ନାହିଁ ଯେ ସେ ସଚ୍ଚୋଟତାର ସହ ଏହା କରିବାକୁ ଚାହୁଁଥିଲେ; କିନ୍ତୁ ଏଭଳି ବିବୃତିଗୁଡ଼ିକ ଚିନ୍ତାଧାରା ଉପରେ କେତେ ପ୍ରଭାବ ପକାଇଥାଏ, ତାହା ଆକଳନ କରିବା ଅସମ୍ଭବ" ।

ମଧ୍ୟସ୍ଥିଙ୍କ ଉପରେ କୌଣସି ବିଚାର ନକରି ଆମ୍ଭଙ୍କୁ ଏହା ମାନିବାକୁ ହେବ ଯେ ସେ ଆଇନଗତ ମନ୍ଦ ଆଚରଣ ପାଇଁ ଦୋଷୀ ଥିଲେ ଏବଂ ତାହା ହିଁ ଏହି ଅଧିନିର୍ଣ୍ଣୟକୁ ତ୍ରୁଟିଯୁକ୍ତ କରିବା ପାଇଁ ଯଥେଷ୍ଟ ଥିଲା ।

---

[1] (1844) 7 ବିଭ୍. 455. ପୃଷ୍ଠା ସଂଖ୍ୟା 462.

[2] (1911) 13 Cal. L.J. 399 ପୃଷ୍ଠା ସଂଖ୍ୟା 401,402.

[3] (1801) 6 Ves. 70. ପୃଷ୍ଠା ସଂଖ୍ୟା 72.

[4] (1861) 31 L.J. Ch 420.

*1952*

*ପୟାଭୁଲା ଭେଙ୍କାମ୍ମା ବନାମ ପୟାଭୁଲା କେସନ୍ନା ଏବଂ ଅନ୍ୟମାନେ*

*ନ୍ୟାୟମୂର୍ତ୍ତି ଭାଗବତୀ*

ଶ୍ରୀ ଏସ୍. ପି. ସିହ୍ନା ଏହାପରେ ଅନୁରୋଧ କରିଥିଲେ ଯେ ଆଇନଗତ ମନ୍ଦ ଆଚରଣ ଆଧାରରେ ଏହି ଅଧିନିର୍ଣ୍ଣୟକୁ ଆପତ୍ତି କରିବା ପାଇଁ ବାଦୀଙ୍କର ଯଦି ବା କିଛି ଅଧିକାର ଥିଲା, ତାହାକୁ ସେ ଛାଡ଼ କରିଦେଇଥିଲେ । ତେବେ ପ୍ରତିବାଦୀ ସଂଖ୍ୟା 1 ଙ୍କ ଦ୍ୱାରା କୌଣସି ଛାଡ଼ ପାଇଁ ତର୍କ ଉପସ୍ଥାପନ କରାଯାଇ ନଥିଲା ଏବଂ ଏହି ପର୍ଯ୍ୟାୟରେ ଏହି ଯୁକ୍ତିକୁ ଆମ୍ଭ ସମ୍ମୁଖରେ ଅନୁରୋଧ କରିବା ପାଇଁ ସେ ସକ୍ଷମ ନଥିଲେ ।

ତେଣୁ ଏହାର ଫଳାଫଳ ହେଉଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଏହି ରାୟ ବଜାୟ ରହିପାରିବ ନାହିଁ । ଆମ୍ଭେ ଆବେଦନକୁ ଅନୁମତି ଦେଉଛୁ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ରାୟ ଏବଂ ଡିକ୍ରିକୁ ବାତିଲ କରୁଛୁ ଏବଂ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପାରିତ ରାୟ ଏବଂ ଡିକ୍ରିକୁ ସମ୍ପୂର୍ଣ୍ଣ ଖର୍ଚ୍ଚ ସହିତ ପୁନରୁଦ୍ଧାର କରୁଛୁ ।

*ଆବେଦନକୁ ଅନୁମତି ଦିଆଗଲା ।*

ଆବେଦନକାରୀଙ୍କ ପାଇଁ ପ୍ରତିନିଧି: *ନୌନିତ୍ ଲାଲ୍ ।*

ଉତ୍ତରଦାତାମାନଙ୍କ ପାଇଁ ପ୍ରତିନିଧି: *ଏମ୍. ଏସ୍. କେ. ଆୟଙ୍ଗର୍ ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।